SHREE JAGANNATHA TEMPLE ADMINISTRATION
Puri, Odisha

# ଶ୍ରୀମନ୍ଦିର ସମାଚାର

SHREE JAGANNATH TEMPLE BULLETIN

ଡିସେମ୍ବର-୨୦୨୨ DECEMBER-2022

## ଶ୍ରୀମନ୍ଦିରରେ ପହିଲି ଭୋଗ

ବିଶ୍ୱ ପ୍ରସିଦ୍ଧ ଶ୍ରୀଜଗନ୍ନାଥ ମନ୍ଦିରରେ ସକଳ ପ୍ରକାର ନୀତି, ପର୍ବ ପର୍ବାଣି, ଉତ୍ସବ ଇତ୍ୟାଦି ବର୍ଷର ବିଭିନ୍ନ ସମୟରେ ପାଳିତ ହେବା ସଙ୍ଗେ ସଙ୍ଗେ ଅନେକ ପ୍ରକାର ଭୋଗ ଦ୍ରବ୍ୟ ପ୍ରସ୍ତୁତ ହୋଇ ରତ୍ନ ସିଂହାସନରେ ଅଧିଷ୍ଠିତ ଶ୍ରୀବିଗ୍ରହମାନଙ୍କୁ ସମର୍ପିତ ହୋଇଥାଏ । ପୌରାଣିକ ମତ ଅନୁଯାୟୀ ଭାରତର ଚାରି ଧାମ ମଧ୍ୟରୁ 'ଶ୍ରୀକ୍ଷେତ୍ର' ପରଂବ୍ରହ୍ମଙ୍କର ଭୋଜନ ଧାମ ଭାବରେ ସୁବିଦିତ । ଏହି କ୍ଷେତ୍ରରେ ଭୋଗର ପ୍ରାଧାନ୍ୟ ରହିଛି । ବିଭିନ୍ନ ପର୍ବପର୍ବାଣି, ଯାନିଯାତ୍ରାରେ ସ୍ୱତନ୍ତ୍ର ଭୋଗର ବ୍ୟବସ୍ଥା ମଧ୍ୟ ରହିଛି । ସେଥିପାଇଁ ଯଥାର୍ଥରେ କୁହାଯାଇଛି-

'ବଡ଼ ଦେଉଳେ ଲାଗିଛି ନାଟ
ନିତି ପୁନିଅ ନିଇତି ହାଟ'



ଶ୍ରୀପୁରୁଷୋତ୍ତମ ଜଗନ୍ନାଥଙ୍କ ସେବାରେ ଶୃଙ୍ଗାର, ବୀର, ବାତ୍ସଲ୍ୟାଦି ସମସ୍ତ ରସର ସେବା ଭାବ ରହିଥାଏ । ତନ୍ମଧ୍ୟରୁ ଧନୁ ସଂକ୍ରାନ୍ତି ଠାରୁ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ବାତ୍ସଲ୍ୟ ରସ ଉପାସନାର କାଳ ।

ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ଧନୁ ସଂକ୍ରାନ୍ତି ଠାରୁ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ସକାଳର ଗୋପାଳବଲ୍ଲଭ ଭୋଗ ସହିତ 'ପହିଲିଭୋଗ' ଅନୁଷ୍ଠିତ ହୁଏ । ଏହି ଦିନମାନଙ୍କରେ ରାତି ଦୁଇ ଘଡ଼ି ଥାଇ ଦ୍ୱାରଫିଟା, ଆଳତି ଓ ଅବକାଶ ହୁଏ । ତାହାପରେ ବେଶ ହୋଇ ଘୋଡ଼ ଓ ଅଳଙ୍କାର ଲାଗି ହୁଏ । ତତ୍ପରେ ଭିତର ବାହାର ଶୋଧ ହୋଇ ଅଣସର ପିଣ୍ଡି ଠାରେ ପରଖମାନଙ୍କରେ ବଲ୍ଲଭ ବଢ଼ା ହୁଏ । ଏହାପରେ ଅହ୍ଲୁଣିଆ ପାଣି ପଡ଼ିବା ଉତ୍ତାରୁ ପହିଲି ଭୋଗ ଛେକ ଆସିବା ପାଇଁ ଡାକରାଯାଏ । ଏ ଭୋଗରେ ବିରି ଓ ଗହମରେ ଘୃତପାକ ହୋଇଥିବା ପିଠାମାନ ଅଣାଯାଇ ପଞ୍ଚୋପଚାରରେ ପୂଜା କରାଯାଏ । ପହିଲି ଭୋଗରେ ଯେଉଁ ଦ୍ରବ୍ୟ ଭୋଗ ହୁଏ, ତାହା ହେଉଛି-ବଡ଼ ଝିଲି, ଦରସୁଆ ବଡ଼ି, ଦରସୁଆ ଝିଲି, ବଡ଼ ବଡ଼ା, କାକେରୀ, ସାନ ଅମାଲୁ, ନଳୀ, କାକରା, ଆରିସା, ଏଣ୍ଡୁରି, ମୁଗେଇ, ଝଡ଼େଇ ଲଦା, ନଡୁ, ଗଜା, ଖଇରଚୂଳ, ଗଇଣ୍ଠା, ମଣ୍ଡା, ଛତୁ, ଚୁଡ଼ାପୁଆ, ବଡ଼ି, କଣ୍ଟେଇ ପ୍ରଭୃତି । ଶ୍ରୀମନ୍ଦିର ସ୍ୱତ୍ୱଲିପିରେ ଏହି ସବୁ ଦ୍ରବ୍ୟର ପରିମାଣ ମଧ୍ୟ ଉଲ୍ଲେଖ କରାଯାଇଅଛି । ଏହି ସବୁ ଦ୍ରବ୍ୟ ପାକ କରିବାକୁ ସୁବିଧା ହେବା ପାଇଁ ଏହି ଦିନମାନଙ୍କରେ ମଙ୍ଗଳ ଆଳତି ପରେ ପରେ ହିଁ ରୋଷହୋମ ହୋଇଥାଏ ।

ପହିଲି ଭୋଗର ଉତ୍ପତ୍ତିର ସମୟ ଓ କାରଣ ସଂପର୍କରେ ବିଭିନ୍ନ ପ୍ରକାର କିମ୍ବଦନ୍ତୀ ଶୁଣିବାକୁ ମିଳେ । ସ୍କନ୍ଦପୁରାଣ ଏବଂ ଶ୍ରୀମନ୍ଦିରର ବିଭିନ୍ନ ପର୍ବପର୍ବାଣି ବିସ୍ତାର ସହକାରେ ବର୍ଣ୍ଣନା କରାଯାଇଥିବା 'ବାମଦେବ ସଂହିତା' ଓ 'ନୀଳାଦ୍ରି ମହୋଦୟ'ରେ ମଧ୍ୟ ପହିଲି ଭୋଗର କୌଣସି ବିବରଣ ନାହିଁ । ଏଥିରୁ ଅନୁମିତ ହୁଏ ଯେ ପହିଲି ଭୋଗର ପ୍ରଚଳନ ଅର୍ବାଚୀନ କାଳରେ ହୋଇଛି । କିନ୍ତୁ ଆଲୋଚକ ଶ୍ରୀ ଆଶୁତୋଷ ନାୟକ ଭକ୍ତକବି ମାଧବୀ ଦାସୀଙ୍କ ଧନୁ ମାସର ପହିଲି ଭୋଗ ବର୍ଣ୍ଣନାତ୍ମକ ଏକ ରଚନା ଉଦ୍ଧାର କରି ଏହି ପହିଲି ଭୋଗ ଖ୍ରୀଷ୍ଟିୟ ୧୬ଶ ଶତାବ୍ଦୀରେ ପ୍ରଚଳିତ ଥିବାର ପ୍ରତିପାଦନ କରିଅଛନ୍ତି । ଏଥିରେ ମାତା ଯଶୋମତୀ ରାତି ନପାହୁଣୁ କାଉ କା ନକରୁଣୁ ଶ୍ରୀକୃଷ୍ଣଙ୍କୁ ବିଭିନ୍ନ ଲଘୁ ଦ୍ରବ୍ୟ ଭୁଞ୍ଜାଇ ଦିଅନ୍ତି । ଅତଏବ ଏହି ଭୋଗ ହେଉଛି ମା' ଯଶୋଦାଙ୍କର ପୁତ୍ର ପ୍ରତି ବାତ୍ସଲ୍ୟ ସ୍ନେହ ତଥା ନୈସର୍ଗିକ ପ୍ରେମର ନିଦର୍ଶନ ଏବଂ ଏହା ବହୁ ପ୍ରାଚୀନ କାଳରୁ ଶ୍ରୀମନ୍ଦିରରେ ପ୍ରଚଳିତ ବୋଲି ଶ୍ରୀ ନାୟକ ପ୍ରକାଶ କରନ୍ତି । ଏ ସମ୍ପର୍କୀୟ ପୌରାଣିକ ଆଖ୍ୟାନକୁ ଅବତାରଣା କରି ସେ ଲେଖିଛନ୍ତି ଯେ ଏକଦା ଦ୍ୱାରକାରେ ଶ୍ରୀକୃଷ୍ଣ ମାତା ଯଶୋଦାଙ୍କ ସ୍ମୃତିରେ ବ୍ୟାକୁଳିତ ହୋଇ ବାଳଗୋପାଳ ରୂପ ଧାରଣ କରିଥିବା ବେଳେ ନାରଦ ସେଠାରେ ଉପସ୍ଥିତ ହୋଇ ତାହାର ରହସ୍ୟ ଜିଜ୍ଞାସା କରିଥିଲେ । ଉତ୍ତରରେ ଶ୍ରୀକୃଷ୍ଣଙ୍କ ଦ୍ୱାରା ପ୍ରେରିତ ହୋଇ ନାରଦ ଗୋପପୁରରେ ଉପସ୍ଥିତ ହେଲେ । କୃଷ୍ଣ ବଳରାମ ଦୁଇ ଭାଇଙ୍କୁ ଯଶୋଦାଙ୍କ କୋଳରେ ବସି ନାନା ସୁମିଷ୍ଟ ଦ୍ରବ୍ୟ ଆନନ୍ଦରେ ସେବନ କରୁଥିବାର ଦେଖିଲେ । ଶ୍ରୀଜଗନ୍ନାଥଙ୍କ 'ପହିଲି ଭୋଗ' ଏହାର ସ୍ମାରକୀ । ପୌରାଣିକ ଭିତ୍ତଭୂମି ଅନୁଯାୟୀ ଦ୍ୱାପର ଯୁଗରେ ମା' ଯଶୋଦାଙ୍କ ପୁତ୍ର ବାତ୍ସଲ୍ୟ ତଥା ପୁତ୍ର ସ୍ନେହର ପ୍ରମାଣ ସ୍ୱରୂପ ରୁକ୍ମିଣୀ (ଲକ୍ଷ୍ମୀ)ଙ୍କ ପିତୃଗୃହ ଗମନ ହେତୁ ମାତାଙ୍କର ପୁତ୍ର ସେବା ରୂପକ ପହିଲି ଭୋଗର ସୃଷ୍ଟି ହୋଇଅଛି । ପୁଣି ଜନଶ୍ରୁତି ଅନୁଯାୟୀ ଏହି କେତେ ଦିନ ଲକ୍ଷ୍ମୀ ତାଙ୍କ ସ୍ଥାନରୁ ଅନ୍ତର ହୋଇଥାଆନ୍ତି । ଲୋକ ବିଶ୍ୱାସରେ ଏହି ମାସଟି ଲକ୍ଷ୍ମୀ ତାଙ୍କ ବାପ ଘରେ କାଟନ୍ତି । ପୌଷ ମାସରେ ବୋହୂ ବାପ ଘରକୁ ଯିବାର ଚଳଣୀ ଓଡ଼ିଆ ଘରମାନଙ୍କରେ ରହିଅଛି । ତେଣୁ ମା' ବ୍ୟଗ୍ର ହୋଇ ପୁଅଝିଅଙ୍କୁ ଶୀତରେ ସକାଳଟାରୁ ଗରମ ଗରମ ଖାଦ୍ୟ ଖୁଆଇ ଦିଅନ୍ତି । ଏହି ପହିଲି ଭୋଗ ବଢ଼ା ଭାତର ସ୍ମୃତି ମନେ ପକାଇଦିଏ ।

*(ଉକ୍ତ ଆଲେଖ୍ୟଟି ଶ୍ରୀମନ୍ଦିର ସମାଚାର, ଡିସେମ୍ବର-୨୦୧୬ ରୁ ସଂଗୃହୀତ)*


# ଶ୍ରୀମନ୍ଦିର ନୀତି ପରିକ୍ରମା



ତା. ୨୯.୧୧.୨୨ରେ ପ୍ରାବରଣ ବା ଓଢ଼ଣ ଷଷ୍ଠୀ ପରିପ୍ରେକ୍ଷୀରେ ଶ୍ରୀମନ୍ଦିରରେ ଚତୁର୍ଦ୍ଧା ବିଗ୍ରହଙ୍କ 'ଘୋଡ଼ଲାଗି' ବେଶ


## ଶ୍ରୀମନ୍ଦିରରେ ପଣ୍ଡୁ ନୃସିଂହ ବିଜେ :

ତା ୭.୧୨.୨୨ ରିଖ ବୁଧବାର ଶ୍ରୀମନ୍ଦିରରେ ସକାଳ ଧୂପ ଶେଷ ହେବା ପରେ ପୁଷ୍ପାଳକ ସେବକମାନେ ମଇଲମ ଓ ବେଶ କରିଥିଲେ ।



ଏହି ବେଶ ସମୟରେ ୧ ଖଣ୍ଡ ଆଜ୍ଞାମାଳ ଲାଗି ହୋଇଥିଲା । ମଧ୍ୟାହ୍ନ ଧୂପ ଓ ଦକ୍ଷିଣ ଘର ଭୋଗ ଶେଷ ହେବା ପରେ ମହାଜନ ସେବକମାନେ ଦକ୍ଷିଣ ଘରୁ ପଣ୍ଡୁ ନୃସିଂହ ଦେବଙ୍କୁ ରତ୍ନସିଂହାସନକୁ ବିଜେ କରାଇ, ଆଜ୍ଞାମାଳ ପ୍ରାପ୍ତି ପରେ ମୁକ୍ତି ମଣ୍ଡପ ତଳେ ଥିବା ବିମାନକୁ ବିଜେ କରାଇଥିଲେ । ବିମାନବଡୁମାନେ ବିମାନଙ୍କୁ ଘରି ଆଶ୍ରମ ଭ୍ରମଣ କରାଇ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ ।

## ଶ୍ରୀମନ୍ଦିରରେ ଧନୁ ସଂକ୍ରାନ୍ତି ଓ ପହିଲି ଭୋଗ ଆରମ୍ଭ :



ତା ୧୬.୧୨.୨୨ରିଖ ଶୁକ୍ରବାର ଧନୁ ସଂକ୍ରାନ୍ତି ଅବସରରେ, ଏହି ଦିନ ଠାରୁ ଶ୍ରୀମନ୍ଦିରରେ ପରମ୍ପରା ଅନୁଯାୟୀ ପହିଲି ଭୋଗ ନୀତି ସ୍ୱତନ୍ତ୍ର ଭାବେ ଆରମ୍ଭ ହୋଇଥିଲା । ଧନୁ ସଂକ୍ରାନ୍ତି ଠାରୁ ମକର ସଂକ୍ରାନ୍ତି ପୂର୍ବ ଦିନ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ପହିଲି ଭୋଗ ଅନୁଷ୍ଠିତ ହୋଇଥାଏ । ରାତି ଦୁଇ ଘଡ଼ି ଥାଇ ଦୁଆର ଖୋଲାଯାଇ ମଙ୍ଗଳ ଆଳତି ବଢ଼ିଲା ପରେ ରୋଷହୋମ ହୋଇଥାଏ । ପରେ ମୈଲମ, ତଡ଼ପ ଲାଗି, ଅବକାଶ, ବେଶ ଆଦି ହୋଇ ପାଣି ପଡ଼ିସାରିଲା ପରେ ବଲ୍ଲଭ ଘରୁ ବଲ୍ଲଭ ଆସିଥାଏ । ପରେ ପୂଜା ଠା' ହୋଇ ଅଣସର ପିଣ୍ଡିରେ ଥାଳି ପଡ଼ିଲେ ପହିଲି ଭୋଗ ଡ଼ାକିଯାଏ । ପହିଲି ଭୋଗ (ବଡ଼ ଝିଲି, ଦରସୁଆ ବଡ଼ୀ, ଦରସୁଆ ଝିଲି, ବଡ଼ବଡ଼ା, କାକେରୀ, ଏଣ୍ଡୁରୀ, ଛତୁ, କଣ୍ଟେଇ ପ୍ରଭୁତି) ଛାମୁକୁ ଆସିଲେ ପୂଜାପଣ୍ଡା ୩ ଜଣ ଆସି ପଞ୍ଚୋପଚାରରେ ଭୋଗ ସାରିଥାଆନ୍ତି । ଏଥିରେ ଧନୁ ମୁଆଁ ମଧ ଭୋଗ ଲାଗିଥାଏ ।

## ଶ୍ରୀମନ୍ଦିରରେ ବକୁଳ ଅମାବାସ୍ୟା :

ତା ୨୩.୧୨.୨୨ରିଖ ଶୁକ୍ରବାର ପୌଷ ଅମାବାସ୍ୟା ତିଥିରେ ବକୁଳ ଅମାବାସ୍ୟା ନୀତି ସ୍ୱତନ୍ତ୍ର ଭାବେ ଅନୁଷ୍ଠିତ ହୋଇଥିଲା । ଉକ୍ତ ଦିନ ଆଳତି, ଅବକାଶ ବଢ଼ି ବେଶ ଲାଗିରେ ଖଣ୍ଡିଏ ଆଜ୍ଞାମାଳ ଲାଗି ହୋଇ ବେଶ ବଢ଼ିଥିଲା । ପରେ ଗୋପାଳବଲ୍ଲଭ ସରି ସକାଳ ଧୂପ ଛେକ ଆସିବା ସହିତ ବଉଳ ଗଇଁଠା ଡାଟ ସ୍ୱତନ୍ତ୍ର ଭାବେ ବଢ଼ା ଯାଇଥିଲା । ପରେ ମୁଦିରସ୍ତ ପ୍ରସାଦ ଲାଗି କଲାପରେ ପାଳିଆ ପୂଜାପଣ୍ଡା ୩ ଜଣ ଷୋଡ଼ଶୋପଚାରରେ ଭୋଗ ସାରିଥିଲେ । ଭୋଗ ସରିଲା ପରେ ଡାଟ ଥାଇ ମୁଦିରସ୍ତ, ପତିମହାପାତ୍ର, ପୂଜାପଣ୍ଡା ତିନି ବାଡ଼ରେ ବନ୍ଦାପନା କରିଥିଲେ । ପ୍ରସାଦ ବାହାରି ପାଣି ପଡ଼ିଲା ପରେ ଅମାବାସ୍ୟା ଦିଅଁ (ଶ୍ରୀନାରାୟଣ) ସିଂହାସନକୁ ବିଜେ ହୋଇ ଆଜ୍ଞାମାଳ ପାଇ ମୁକ୍ତିମଣ୍ଡପ ତଳେ ଥିବା ପାଲିଙ୍କିକୁ ବିଜେ କରି 'ସାଗର ବିଜେ' ନୀତି ପାଇଁ ସିଂହଦ୍ୱାର ଦେଇ ସ୍ୱର୍ଗଦ୍ୱାର ଅଭିମୁଖେ ଯାତ୍ରା କରିଥିଲେ ।





ଶ୍ରୀମନ୍ଦିର ନାଟମନ୍ଦିରରେ ସ୍ଥାପିତ 'ହୁଣ୍ଡି' ରେ ମୁକ୍ତ ହସ୍ତରେ ଦାନ କରନ୍ତୁ । ଶ୍ରୀମନ୍ଦିର ପ୍ରଶାସନ, ପୁରୀ

# ଶ୍ରୀମନ୍ଦିରରେ ବିଜେ ପ୍ରତିମା

## (୩) ଶ୍ରୀଦେବୀ ଓ ଭୂଦେବୀ

ଶ୍ରୀମନ୍ଦିରରେ ଅନୁଷ୍ଠିତ ବିଭିନ୍ନ ଯାନିଯାତ୍ରା ଉତ୍ସବାଦିରେ ଯୋଗଦେଉଥିବା ବିଜେ ପ୍ରତିମାମାନଙ୍କ ମଧ୍ୟରେ ଶ୍ରୀଦେବୀ ଓ ଭୂଦେବୀ ଅନ୍ୟତମ । ରତ୍ନସିଂହାସନରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବାମଭାଗରେ ଶ୍ରୀଦେବୀ ଓ ଦକ୍ଷିଣ ପାର୍ଶ୍ୱରେ ଭୂଦେବୀ ବିରାଜମାନ କରିଥାନ୍ତି । ଶ୍ରୀଦେବୀଙ୍କ ପ୍ରତିମା ସୁବର୍ଣ୍ଣରେ ଓ ଭୂଦେବୀଙ୍କ ପ୍ରତିମା ରୌପ୍ୟରେ ନିର୍ମିତ । ଶ୍ରୀଦେବୀ ଓ ଭୂଦେବୀ, ଶ୍ରୀଜଗନ୍ନାଥଙ୍କର ଦୁଇପତ୍ନୀ । ରତ୍ନସିଂହାସନରେ ବିରାଜିତା ଶ୍ରୀଦେବୀ ସ୍ୱର୍ଣ୍ଣବର୍ଣ୍ଣା ଚତୁର୍ଭୁଜା ।



ଶ୍ରୀଦେବୀଙ୍କର ଊର୍ଦ୍ଧ୍ୱ ଦୁଇ ହସ୍ତରେ ପଦ୍ମ ଓ ନିମ୍ନ ଦୁଇ ହସ୍ତରେ ବରାଭୟମୁଦ୍ରା ଶୋଭାପାଉଅଛନ୍ତି । ସେହିପରି ଭୂଦେବୀ ଧବଳବର୍ଣ୍ଣା ଦ୍ୱିଭୁଜା । ତାଙ୍କର ଦକ୍ଷିଣ ହସ୍ତରେ ଜ୍ଞାନମୁଦ୍ରା ଓ ବାମ ହସ୍ତରେ ପଦ୍ମ ଶୋଭାପାଉଅଛନ୍ତି । ରତ୍ନସିଂହାସନରେ ବିରାଜିତ ଶ୍ରୀବିଗ୍ରହମାନଙ୍କ ସେବାପୂଜା ମୁଖ୍ୟତଃ ତିନିବାଡ଼ ଅନୁଯାୟୀ କରାଯାଇଥାଏ । ଯଥା- ଶ୍ରୀବଳଭଦ୍ର (ବଡ଼ବାଡ଼), ଦେବୀ ସୁଭଦ୍ରା (ମଝିବାଡ଼) ଓ ଶ୍ରୀଜଗନ୍ନାଥ (ମହାପ୍ରଭୁଙ୍କ ବାଡ଼) । ମହାପ୍ରଭୁଙ୍କ ବାଡ଼ରେ ଶ୍ରୀସୁଦର୍ଶନ, ଶ୍ରୀମାଧବ, ଶ୍ରୀଦେବୀ ଓ ଭୂଦେବୀଙ୍କୁ ପୂଜା କରାଯାଇଥାଏ ।

**ଗୁରୁବାର ମାଜଣା-** ପ୍ରତ୍ୟେକ ଗୁରୁବାର ଦିନ ସକାଳଧୂପ ପରେ ମାଜଣା ମଣ୍ଡପ ଧୌତ କରାଯାଇ ପ୍ରତିଷ୍ଠାର କରାଯାଏ । ମହାଜନ ସେବକମାନେ ଶ୍ରୀଦେବୀ ଓ ଭୂଦେବୀଙ୍କୁ ରତ୍ନ ସିଂହାସନରୁ ଓ ଶ୍ରୀମଦନମୋହନଙ୍କୁ ଦକ୍ଷିଣି ଘରୁ ଆଣି ମାଜଣା ମଣ୍ଡପରେ ବିଜେ କରାଇଥାନ୍ତି । ସୁଦୁସୁଆର ସେବକ ମାଜଣା ନୀତି ନିମନ୍ତେ ଆବଶ୍ୟକ ଜିନିଷମାନ ଯୋଗାଇଥାନ୍ତି । ମହାଜନମାନେ ଠାକୁର ଠାକୁରାଣୀଙ୍କୁ ମାଜଣା କରି ଖଟ ଉପରେ ବସାଇବା ପରେ ଭିତରଛ ମହାପାତ୍ର ପ୍ରସାଦ (ଚନ୍ଦନ) ଲାଗି କରନ୍ତି । ଏହାପରେ ପୂଜାପଣ୍ଡା ଭୋଗ ଲଗାଇଥାନ୍ତି । ଭୋଗ ବଢ଼ିବା ପରେ ଭିତରଛ ମହାପାତ୍ର କର୍ପୂର ଓ ବଳିତା ଆଳତି କରିଥାନ୍ତି । ଭିତରେ ଦ୍ୱିପ୍ରହର ଧୂପ ନିମନ୍ତେ ଛେକ ଆସିଲେ ମହାଜନମାନେ ଶ୍ରୀଦେବୀ ଓ ଭୂଦେବୀଙ୍କୁ ରତ୍ନସିଂହାସନକୁ ଏବଂ ଶ୍ରୀମଦନମୋହନଙ୍କୁ ଦକ୍ଷିଣି ଘରକୁ ବିଜେ କରାଇଥାନ୍ତି । ପାଳିଆ ପୁଷ୍ପାଳକମାନେ ଶ୍ରୀଦେବୀ ଓ ଭୂଦେବୀଙ୍କୁ ଶ୍ରୀଅଙ୍ଗ ଲାଗି କରାଇଥାନ୍ତି ।

**ଏକାନ୍ତ :** ଶ୍ରୀମନ୍ଦିରରେ ପ୍ରତ୍ୟେକ ଗୁରୁବାର ରାତ୍ରିରେ ଏକାନ୍ତ ନୀତି ଅନୁଷ୍ଠିତ ହୋଇଥାଏ । କିନ୍ତୁ କେତେକ ବିଶେଷ ଉତ୍ସବ ରହିଛି, ଯେଉଁ ସମୟରେ ଗୁରୁବାର ପଡ଼ିଲେ ମଧ୍ୟ ଏକାନ୍ତ ନୀତି ଅନୁଷ୍ଠିତ ହୁଏ ନାହିଁ । ଏକାନ୍ତର ଅର୍ଥ ଶ୍ରୀଜଗନ୍ନାଥ ଓ ଶ୍ରୀଦେବୀଙ୍କର ଏକତ୍ର ମିଳନ । ଏହିଦିନ ସନ୍ଧ୍ୟାଧୂପ ପରେ ଦକ୍ଷିଣି ଘରୁ ଶ୍ରୀମଦନମୋହନ ରତ୍ନସିଂହାସନକୁ ବିଜେ ହୁଅନ୍ତି । ପୂଜାପଣ୍ଡା ତୁଳସୀମିଶ୍ରିତ ମାଳ ମହାପ୍ରଭୁଙ୍କ ଦକ୍ଷିଣ ଭୁଜରୁ ଆଣି ଶ୍ରୀମଦନମୋହନଙ୍କୁ ଓ ବାମ ଭୁଜରୁ ସାଦାମାଳ ଆଣି ଶ୍ରୀଦେବୀଙ୍କୁ ଲାଗି କରନ୍ତି । ଶ୍ରୀମଦନମୋହନ ଓ ଶ୍ରୀଦେବୀ ପାଲିଙ୍କିରେ ବିଜେ ହୋଇ ନିଶାନୃସିଂହଙ୍କ ସମ୍ମୁଖବର୍ତ୍ତୀ ସ୍ଥାନରେ ପହଞ୍ଚିଲେ, ମହାଜନ ସେବକମାନେ ଉଭୟଙ୍କୁ ହାତରେ ବିଜେ କରାଇ ନେଇ ସରସ୍ୱତୀଙ୍କ ମନ୍ଦିର ଭିତରେ ପଶି ମହାଲକ୍ଷ୍ମୀଙ୍କ ଜଗମୋହନକୁ ଯାଇ ସେଠାରେ ପଡ଼ିଥିବା ପଲଙ୍କରେ ବିଜେ କରାଇଥାନ୍ତି । ସେଠାରେ ଯଥାବିଧି ଭୋଗ, କର୍ପୂର ଓ ବଳିତା ଆଳତି, ଅକ୍ଷତ ବନ୍ଦାପନା ପରେ ଶ୍ରୀଦେବୀ ଓ ଶ୍ରୀମଦନମୋହନ ପାଲିଙ୍କିରେ ବିଜେ ହୋଇ ସାତପାହାଚ ଦେଇ ଗରୁଡ଼ସ୍ତମ୍ଭ ସମ୍ମୁଖସ୍ଥ ଜଗମୋହନରେ ଓହ୍ଲାନ୍ତି । ଏଠାରୁ ଶ୍ରୀଦେବୀ ରତ୍ନସିଂହାସନକୁ ଓ ଶ୍ରୀମଦନମୋହନ ଦକ୍ଷିଣି ଘରକୁ ବିଜେ କରିଥାଆନ୍ତି ।

**ଅଣସର-** ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ରାତ୍ରିରେ ସ୍ନାନମଣ୍ଡପରୁ ଠାକୁରମାନେ ବାହୁଡ଼ିବାଠାରୁ ପନ୍ଦର ଦିନ, ଅନବସର ଓ ଅଣସର ନାମରେ ଆଖ୍ୟାତ । ଏହି ପନ୍ଦର ଦିନ ମହାପ୍ରଭୁଙ୍କ ଦର୍ଶନ ନିଷିଦ୍ଧ । ସ୍ନାନମଣ୍ଡପରୁ ଠାକୁରମାନେ ଫେରିବା ପୂର୍ବରୁ ଅଣସର ପିଣ୍ଡିରେ ଚାନ୍ଦୁଆ ବନ୍ଧାଯାଏ । ସ୍ନାନବେଦୀରୁ ଫେରି ଠାକୁରମାନେ ଏହିଠାରେ ବିଜେ ହୁଅନ୍ତି । ଅଣସର ପିଣ୍ଡିର ଚାରିପଟେ ବାଉଁଶତାଟି ଘେରାଇ ଦିଆଯାଏ । କେବଳ ଧୁକୁଡ଼ି ଦୁଆର ପାର୍ଶ୍ୱରେ ଘେରାବାଟ ରହେ । ତାଟିବାଡ଼ର ବାହାରପଟକୁ ଗୋଟିଏ ବଡ଼ ଖଟ ପକାଇ ଦିଆଯାଇ ଚତୁଃପାର୍ଶ୍ୱରେ ମାଟିର ବନ୍ଧ ଦିଆଯାଏ । ମହାଜନ ସେବକମାନେ ଦକ୍ଷିଣି ଘରୁ ରାମ, କୃଷ୍ଣ ଓ ନୃସିଂହଙ୍କୁ ଆଣି ଶ୍ରୀବଳଭଦ୍ରଙ୍କ ବାଡ଼ରେ, ମଦନମୋହନ ଓ ଦୋଳଗୋବିନ୍ଦଙ୍କୁ ଆଣି ଶ୍ରୀଜଗନ୍ନାଥଙ୍କ ବାଡ଼ରେ ଏବଂ ଶ୍ରୀଦେବୀ ଓ ଭୂଦେବୀଙ୍କୁ ଆଣି ଦେବୀ ସୁଭଦ୍ରାଙ୍କ ବାଡ଼ରେ ଖଟ ଉପରେ ବିଜେ କରାଇଥାନ୍ତି । ଏହାପରେ ଏଥି ପୂର୍ବରୁ ଚିତ୍ରକାରଙ୍କ ଘରୁ ଘଣ୍ଟ, ଛତା, କାହାଳୀଦି ସହ ଅଣାଯାଇଥିବା ତିନି ବାଡ଼ର ପଟି ଠାକୁର ବାସୁଦେବ, ଭୁବନେଶ୍ୱରୀ ଓ ନାରାୟଣଙ୍କୁ ତାଟି ଦେହରେ ସଜ୍ଜିତ କରି ବିଜେ କରାଯାଏ । ଏହି ଦଶମୂର୍ତ୍ତି (ଖଟ ଉପରେ ସାତ ଓ ତାଟିରେ ତିନି) ଠାକୁରଙ୍କୁ ଦଶାବତାର ଠାକୁର ବୋଲି କୁହାଯାଇଥାଏ । ସମସ୍ତେ ବିଜେ ହୋଇ ସାରିବା ପରେ ପଞ୍ଚାମୃତରେ ସ୍ନାନ କରାଯାଏ । ଅଣସର ସମୟରେ ଦଶାବତାର ଠାକୁରମାନଙ୍କ ଆଗରେ ସମସ୍ତ ଦୈନନ୍ଦିନ ନୀତି ଏବଂ ଭୋଗରାଗ ହୋଇଥାଏ । ଏହି ସମୟରେ ଅନବସର ଗୃହ ମଧ୍ୟକୁ ଦଇତା ଓ ପତିଙ୍କ ବ୍ୟତୀତ ଅନ୍ୟ କେହି ଯାଇପାରନ୍ତି ନାହିଁ । ଅଣସର ଚତୁର୍ଦ୍ଦଶୀ ଦିନର ଚକା ଅପସର ଲାଗି ପରେ ରାତ୍ରି ଅବସାନ କାଳରେ ଅମାବାସ୍ୟା ଦିନ ଦଶାବତାର ଠାକୁରମାନଙ୍କର ମଙ୍ଗଳ ଆଳତି ଓ ଅବକାଶ ନୀତି ପରେ ମହାଜନ ସେବକମାନେ ଦୋଳଗୋବିନ୍ଦ, ରାମ, କୃଷ୍ଣ, ନୃସିଂହ ଓ ମଦନମୋହନଙ୍କୁ ଦକ୍ଷିଣି ଘରକୁ ନିଅନ୍ତି । ଦେବୀ ସୁଭଦ୍ରାଙ୍କ ବାଡ଼ରେ ଅବସ୍ଥାନ କରି ପୂଜା ପାଉଥିବା ଶ୍ରୀଦେବୀ ଓ ଭୂଦେବୀ ଖଟଶେଯ ଘରକୁ ବିଜେ କରିଥାଆନ୍ତି । ଏହାପରେ ଅନ୍ୟାନ୍ୟ ନୀତି ବିଧିମୁତାବକ ସମ୍ପନ୍ନ ହୋଇଥାଏ ।

(କ୍ରମଶଃ...)


*ଡକ୍ଟର ନରେଶ ଚନ୍ଦ୍ର ଦାଶ*

● *ମହାସଚିବ, ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ, ପୁରୀ*

# ମନ୍ଦିରର ଶିଳ୍ପକଳା

*ପୂର୍ବ ପ୍ରକାଶିତ ଉତ୍ତାରୁ ....* **(୨) ମୁଖଶାଳା :**

ବଡ଼ ଦେଉଳକୁ ଲାଗି ଯେଉଁ ମନ୍ଦିରଟି ଅଛି ତାହାକୁ ଶିଳ୍ପ ଶାସ୍ତ୍ରରେ ଜଗମୋହନ ତଥା ରେଖ ଦେଉଳ କୁହାଯାଏ । ଏହାକୁ ମୁଖଶାଳା ମଧ୍ୟ କୁହାଯାଏ, କାରଣ ଏହା ଦେବସ୍ଥଳୀର ସମ୍ମୁଖରେ ଅବସ୍ଥିତ । କିନ୍ତୁ ପୁରୀ ମନ୍ଦିରରେ ସ୍ଥାନୀୟ ଭାଷାରେ ଏହାର ନାମ ବାହାର ପୋଖରିଆ । ସାଧାରଣ ଭାବରେ ଏହା କୁହାଯାଇପାରେ ଯେ ଏହାର ବାଡ଼ ପଞ୍ଚାଙ୍ଗ ଓ ତାହାର ଶୈଳୀ ପଞ୍ଚରଥ । ଏହାର ତଳେ ଥିବା ପୀଠ ଭାଗଟି ଉତ୍ତରରେ ଦେବସଭା ମଣ୍ଡପ ଓ ଦକ୍ଷିଣରେ ଅନ୍ୟ ଏକ ମଣ୍ଡପ ଦ୍ୱାରା ସଂପୂର୍ଣ୍ଣ ଲୁଚିଯାଇଛି । ଏହାର ଗଣ୍ଡିଟି ଥାକ ଥାକ ପୀଢ଼ ଦ୍ୱାରା ଦୁଇଟି ସ୍ତରରେ ଉପରକୁ ଉଠିଛି । ମୁଖଶାଳାର ଭିତର ପାଖରେ ଆଠଗୋଟି ସୁନ୍ଦର ନାରୀମୂର୍ତ୍ତି ବିଭିନ୍ନ ସ୍ଥାନରେ ରହିଅଛନ୍ତି ।ଏହା ଚାରି ଗୋଟି ସ୍ତମ୍ଭ ଉପରେ ଛିଡ଼ା ହୋଇଥିବାର ଦେଖାଯାଏ । ଏହାର ପଶ୍ଚିମପଟ ଅଞ୍ଚଳକୁ ବଲ୍ଲଭପିଣ୍ଡି ତଥା ଅଣସର ପିଣ୍ଡି କୁହାଯାଏ । ଅନବସର କାଳରେ ଦାରୁବିଗ୍ରହମାନେ ଏହିଠାରେ ଅବସ୍ଥାନ କରନ୍ତି । ଏହି ଗୃହର ମଧ୍ୟ ଭାଗରେ ଯେଉଁ ଅର୍ଗଳ ଅଛି, ତାହାକୁ ଭିତରକାଠ ବା ଚନ୍ଦନ ଅର୍ଗଳ କୁହାଯାଏ । ଏହା ନିକଟରେ ଶ୍ରୀଜଗନ୍ନାଥଙ୍କ ଅବତାର ମୂର୍ତ୍ତି ଦେବତାମାନଙ୍କର ଜନ୍ମ ଉତ୍ସବ ପାଳନ କରାଯାଏ । ସ୍ନାନ ଯାତ୍ରା ଠାରୁ ଗୁଣ୍ଡିଚ୍ଚା ଯାତ୍ରା ପର୍ଯ୍ୟନ୍ତ ଅନବସର କାଳରେ ଏହିଠାରେ ଚିତ୍ର ଦେବତାମାନେ ପ୍ରତିଷ୍ଠିତ ହୋଇ ପୂଜିତ ହୁଅନ୍ତି । ଏହି ଗୃହର ଉତ୍ତର ଭାଗରେ ଗୋଟିଏ ପଟେ ଶୟନ ଠାକୁରଘର ଓ ଖଟ ଶେଯଘର, ଆଉ ଏକପଟେ ପାଣିଘର, ଦକ୍ଷିଣପଟେ ଫୁଲଘର ଓ ଚାଙ୍ଗଡ଼ା ଘର ରହିଛି ।



**(କ) ଭଣ୍ଡାର ଘର-** ମୁଖଶାଳାର ଉତ୍ତରଭାଗରେ ଭଣ୍ଡାରଘର ବିଦ୍ୟମାନ । ଏହାକୁ ରତ୍ନଭଣ୍ଡାର କୁହାଯାଏ । ଏହି ଭଣ୍ଡାରଘରର ଏକମାତ୍ର ଦ୍ୱାର ଶ୍ରୀମନ୍ଦିରର ମୁଖଶାଳା ମଧ୍ୟକୁ ହିଁ ଫିଟିଅଛି । ଏହି ସ୍ଥାନରେ ଶ୍ରୀଜଗନ୍ନାଥଙ୍କ ଭଣ୍ଡାର ରକ୍ଷକ ଲୋକେଶ୍ୱର ଅବସ୍ଥାନ କରନ୍ତି ।

**(ଖ) ବେହେରଣ ଦ୍ୱାର-** ମୁଖଶାଳାର ଦକ୍ଷିଣପଟକୁ ଗୋଟିଏ ଦ୍ୱାର ଅଛି । ଏହି ଦ୍ୱାରର ଦୁଇପାର୍ଶ୍ୱରେ ବ୍ରହ୍ମ ଓ ଶିବଙ୍କର ମୂର୍ତ୍ତି ରହିଛି ।

**(ଗ) ଜୟ ବିଜୟ ଦ୍ୱାର-** ମୁଖଶାଳାର ପୂର୍ବଦ୍ୱାରଟି ଜୟବିଜୟ ଦ୍ୱାର ନାମରେ ପରିଚିତ । ଏହି ଦ୍ୱାରଟି ଓଡ଼ିଶାର ସ୍ଥାପତ୍ୟ କଳାର ଏକ ସୂକ୍ଷ୍ମ ନିଦର୍ଶନ । ଏହା ସାତଗୋଟି ବନ୍ଧରେ ସୁନ୍ଦରଭାବରେ ନିର୍ମିତ ହୋଇଛି । ଜୟ ଓ ବିଜୟ ହେଉଛନ୍ତି ବୈକୁଣ୍ଠପୁରର ପ୍ରତିହାରୀ । ବୈକୁଣ୍ଠକୁ ବିଷ୍ଣୁଙ୍କର ନିତ୍ୟ ନିବାସସ୍ଥଳ ଓ ଜଗନ୍ନାଥଙ୍କୁ ବିଷ୍ଣୁଙ୍କର ସ୍ୱରୂପ ବୋଲି ଗ୍ରହଣ କରାଯାଏ । ତେଣୁ ଅନୁମାନ କରାଯାଏ ଯେ, ପୂର୍ବରୁ ଏଠାରେ ଜୟ ଓ ବିଜୟଙ୍କର ମୂର୍ତ୍ତି ଥିଲା । ପରେ ନାଟମନ୍ଦିର ନିର୍ମାଣ କାଳରେ ସେହି ଦୁଇ ମୂର୍ତ୍ତିଙ୍କୁ ଉଠାଇ ନିଆଯାଇଛି । ଏହି ଦ୍ୱାର ନିକଟରେ ଜୟ ଓ ବିଜୟଙ୍କର ଚିତ୍ର କାନ୍ଥରେ ରହିଛି ଓ ତାଙ୍କ ଉଦ୍ଦେଶ୍ୟରେ ପ୍ରତିଦିନ ଏହି ସ୍ଥାନରେ ଦ୍ୱାରପାଳ ପୂଜା କରାଯାଏ । ଏହି ଦ୍ୱାରର ଦୁଇପାଖ କାନ୍ଥରେ ସୂର୍ଯ୍ୟବଂଶୀ ଗଜପତି ରାଜାମାନଙ୍କର ବାରଗୋଟି ଶିଳାଲେଖ ରହିଛି । ତହିଁରେ ଜଗନ୍ନାଥଙ୍କ ନୀତି ଓ ଭଣ୍ଡାରକୁ ରାଜାଙ୍କ ଦାନ ସମ୍ପର୍କୀୟ କେତେକ ଘୋଷଣାପତ୍ର ରହିଛି ।

(କ୍ରମଶଃ...)

● *(ସୌଜନ୍ୟ- ଶ୍ରୀକ୍ଷେତ୍ର ପରିଚୟ (ପୁସ୍ତକ), ଶ୍ରୀମନ୍ଦିର ପ୍ରକାଶନ, ପୁରୀ)*

**ଜାଣିବା କଥା ...**

# ଅଣାକ୍ଷର

**ପ୍ରଶ୍ନ ଓ ଉତ୍ତର :**

୧. ପ୍ର - ଶ୍ରୀମନ୍ଦିରରେ 'ଚାଉଳ ମେଲାଣ' କହିଲେ କ'ଣ ବୁଝାଯାଏ ?

ଉ - ଶ୍ରୀମନ୍ଦିରରେ ନବାଙ୍କ ଦିନ ସନ୍ଧ୍ୟା ଆଳତି ପରେ ସିଂହଦ୍ୱାର ଚକଡ଼ା ଉପରେ ଚାଉଳ ମେଲାଣ ପାଇଁ ପାହାଡ଼ା ପଡ଼େ । ଧାନ ଘର ଠାରୁ ଏଠାରେ ଚାଉଳ ବିଜେ ହୁଅନ୍ତି । ଏହାଙ୍କୁ ଚାଉଳ ମେଲାଣ କହନ୍ତି ।

୨. ପ୍ର - ଶ୍ରୀମନ୍ଦିରରେ 'ଚାଚେରୀ' ଶବ୍ଦର ଅର୍ଥ କ'ଣ ?

ଉ - ଦୋଳପୂର୍ଣ୍ଣିମାର ପୂର୍ବଦିନ ଅବିର, ପିଚକାରୀ ଓ ମୁଦିରସ୍ତଙ୍କ ଝିମିରି ଫଗୁ ତିନି ବାଡ଼ରେ ଲାଗି ହୋଇ କରତାଳି ଧ୍ୱନିରେ ହୋଲି ଉତ୍ସବ ପାଳିତ ହୁଏ । ଏହା ବସନ୍ତୋତ୍ସବ ନାମରେ ପରିଚିତ । ଏହାକୁ ଚାଚେରୀ ଖେଳ କହନ୍ତି । ଶ୍ରୀବିଗ୍ରହଙ୍କର ଆଜ୍ଞାମାଳ ପରେ ବିମାନରେ ଚଳନ୍ତି ପ୍ରତିମା ଦୋଳଗୋବିନ୍ଦଙ୍କୁ ଧରି ଏହି ଖେଳ ହୋଇଥାଏ ।

୩. ପ୍ର - ଶ୍ରୀମନ୍ଦିରରେ 'ଚାଚେରୀ ଭୋଗ' କେଉଁ ସମୟରେ ଶ୍ରୀବିଗ୍ରହମାନଙ୍କୁ ଲାଗି କରାଯାଏ ?

ଉ - ଶ୍ରୀମନ୍ଦିରରେ ଦୋଳ ସମୟରେ ଚାଚେରୀ ବେଶରେ ଠାକୁରଙ୍କୁ ଅର୍ପଣ କରାଯାଉ ଥିବା ଭୋଗ ।

୪. ପ୍ର - ଶ୍ରୀମନ୍ଦିରରେ 'ଚାଙ୍ଗଡ଼ା' ଶବ୍ଦର ଅର୍ଥ କ'ଣ ?

ଉ - ଡ଼ାଲା ବା ଚାଙ୍ଗୁଡ଼ି । ଶ୍ରୀମନ୍ଦିରରେ ଅବକାଶ ସମୟରେ ଶ୍ରୀବିଗ୍ରହମାନଙ୍କ ପରିଧେୟ ବା ବସ୍ତ୍ର ରଖାଯିବା ତାଟ । ଏଥିରେ ପୂଜା ଉପକରଣର ସମସ୍ତ ଦ୍ରବ୍ୟ ସଜ୍ଜିତ ହେବାର ବିଧି ଅଛି ।

୫. ପ୍ର - ଶ୍ରୀମନ୍ଦିରରେ 'ଚାଙ୍ଗଡ଼ା କରଣ ସେବକ' କ'ଣ ଗୁରୁତ୍ୱ ବହନ କରିଥାଆନ୍ତି ?

ଉ - ଶ୍ରୀମନ୍ଦିରରେ ଭକ୍ତ ସେବକମାନେ ଶ୍ରୀବିଗ୍ରହଙ୍କ ପାଖରେ ବ୍ୟବହୃତ ହେଉଥିବା ଶାଢ଼ିମାନଙ୍କର ହିସାବ ରଖନ୍ତି । ଏହା ବ୍ୟତୀତ ଧୋବାଘରକୁ ଦିଆଯାଉଥିବା ଠାକୁରଙ୍କ ଲୁଗାର ହିସାବ ରଖନ୍ତି । ଭଣ୍ଡାର ଘର ଓ ଚାଙ୍ଗଡ଼ା ଘରର ଦୈନିକ ଜମା ଖର୍ଚ୍ଚ ଲେଖନ୍ତି । ସେବକମାନଙ୍କ ଶାଢ଼ୀ ବନ୍ଧା ପାଇଁ ଏହାଙ୍କ ଓ ଦେଉଳକରଣଙ୍କ ମୁକାବିଲାରେ ଚାଙ୍ଗଡ଼ା ଘରୁ ଶାଢ଼ୀ ଦିଆଯାଏ । କେହି ଯାତ୍ରୀ ନୀଳଚକ୍ରରେ ଧ୍ୱଜା ବନ୍ଧାଇବାକୁ ଆସିଲେ ତାହାଠାରୁ ନିର୍ଦ୍ଧାରିତ ଅର୍ଥ ରଖି ମନ୍ଦିର ପାଉଣା ଦେଉଳ କରଣଙ୍କ ଦସ୍ତଖତରେ ଧ୍ୱଜା ଆଣି ଚୂନରା ଦ୍ୱାରା ବନ୍ଧାଇ ଦିଅନ୍ତି ।

୬. ପ୍ର - ଶ୍ରୀମନ୍ଦିରରେ 'ଚାଙ୍ଗଡ଼ା ଘର' କ'ଣ ଗୁରୁତ୍ୱ ବହନ କରିଥାଏ ?

ଉ - ଏହା ହେଉଛି ଶ୍ରୀମନ୍ଦିର ବେଢ଼ା ମଧ୍ୟସ୍ଥ ଏକ ଗୃହ । ଠାକୁରଙ୍କ ଲୁଗା ଓ ପୋଷାକ ଭଣ୍ଡାର ଘରୁ ଅଣାହୋଇ ଏହି ଘରେ ସାଇତା ହୁଏ । ଏହା ଚାଙ୍ଗଡ଼ା ମେକାପଙ୍କ ଜିମାରେ ଥାଏ । ଏହି ଘରେ ବସ୍ତ୍ର ଅଳଙ୍କାରାଦି ରଖାଯାଇଥିବାରୁ ଏହାକୁ 'ଗନ୍ତାଘର' କହନ୍ତି ।

● *ସୌଜନ୍ୟ- ଶ୍ରୀମନ୍ଦିର ଶବ୍ଦକୋଷ- ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର*

*ଯୁଗେ ଯୁଗେ ରଥଯାତ୍ରା ...*

## ପରିଶିଷ୍ଟ - 'ଖ'ଗ

*ପୂର୍ବ ପ୍ରକାଶିତ ଉତ୍ତାରୁ ....*

### (୫) ବେଙ୍ଗଲ ଗଭର୍ଣ୍ଣମେଣ୍ଟର ଜୁଡ଼ିସିଆଲ୍, ପଲିଟିକାଲ୍ ଏବଂ ଆପୟେଣ୍ଟମେଣ୍ଟ ବିଭାଗର ଅଣ୍ଡର ସେକ୍ରେଟାରୀ ଏଚ.ଏ.ଡି. ଫିଲିପ୍ସଙ୍କ ଠାରୁ ଓଡ଼ିଶାର କମିଶନର୍‌ଙ୍କୁ ଲେଖା ଯାଇଥିବା ଚିଠି ।

ନଂ-୨୬୧୬ କଲିକତା, ଅଗଷ୍ଟ ୧୪,୧୮୮୬

୧୮୮୬ ମସିହା ଜୁଲାଇ ୧୫ ତାରିଖରେ ଲିଖିତ ଆପଣଙ୍କର ପତ୍ର ସଂଖ୍ୟା ୨୬୬ ଏଲ.ଏଫ୍. ସହ ପୁରୀ ଜିଲ୍ଲାପାଳଙ୍କର ରଥଯାତ୍ରା ସମ୍ପର୍କୀୟ ବିବରଣୀର ପ୍ରାପ୍ତି ସ୍ୱୀକାର ପଠାଇବା ନିମନ୍ତେ ମୁଁ ନିର୍ଦ୍ଦେଶିତ ହୋଇଅଛି । ଲେଫ୍‌ଟନାଣ୍ଟ ଗଭର୍ଣ୍ଣର ଆପଣଙ୍କ ଚିଠିକୁ ଅତି ଆଗ୍ରହ ସହକାରେ ପଢ଼ିଛନ୍ତି ଓ ଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ 'ଗାଇସ୍' ମହାଶୟ ଏବଂ ବାବୁ ପ୍ରଭାତ ଚନ୍ଦ୍ର ଚାଟାର୍ଜୀ ଯେଉଁ ବ୍ୟବସ୍ଥା ଗ୍ରହଣ କରିଥିଲେ, ସେଥିରେ ସେ ସନ୍ତୋଷ ପ୍ରକାଶ କରିଛନ୍ତି ।

ରଥଟାଣିବା ବିଷୟରେ ପୋଲିସମାନଙ୍କ ଉପରେ ଜିଲ୍ଲାପାଳ ଯେଉଁ ନିଷେଧାଜ୍ଞା ଜାରି କରିଥିଲେ, ତାହାକୁ ସମ୍ମାନନୀୟ ସରକାର (ଲେଫ୍‌ଟନାଣ୍ଟ ଗଭର୍ଣ୍ଣର) ଅନୁମୋଦନ କରିଛନ୍ତି ଏବଂ ପରବର୍ତ୍ତୀ ସମୟ ଠାରୁ ଏହି ପରୱାନା ବ୍ୟବସ୍ଥା ବନ୍ଦ କରାଯିବା ଉଚିତ୍ ବୋଲି କହିଛନ୍ତି ଓ ମନ୍ଦିର କର୍ତ୍ତୃପକ୍ଷ ଏ ସମ୍ପର୍କରେ ବ୍ୟବସ୍ଥା ଗ୍ରହଣ କରିବେ ବୋଲି ନିର୍ଦ୍ଦେଶ ଦେଇଛନ୍ତି । ପୋଲିସର କାର୍ଯ୍ୟ କେବଳ ଶାନ୍ତି ଶୃଙ୍ଖଳା ଓ ଜନ ଜୀବନ ରକ୍ଷା ପାଇଁ ସୀମିତ ରହିବ ।



ରଥଯାତ୍ରା ସମୟରେ ଆଇନ ଓ ଶାନ୍ତିଶୃଙ୍ଖଳା ରକ୍ଷା କରିବା ଏବଂ ରଥ ଚାଲିବା ସମୟରେ ରଥ ତଳେ ଏବଂ ରଥ ଉପରେ ଥିବା ଲୋକମାନଙ୍କର ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରିବା ଜିଲ୍ଲାପାଳଙ୍କ କର୍ତ୍ତବ୍ୟ ହେବ । ମନ୍ଦିର ପୂଜାରୀମାନଙ୍କୁ ମିଳୁଥିବା ସରକାରୀ ପୃଷ୍ଠପୋଷକତା ଏବଂ ସାହାଯ୍ୟର ଯେଭଳି ଅଭିବୃଦ୍ଧି ଘଟି ଚାଲିଛି, ତାହା ବନ୍ଦ କରାଯିବା ଉଚିତ୍ ।

ଭବିଷ୍ୟତରେ ପ୍ରୟୋଜନୀୟ ସଂଖ୍ୟକ ପୋଲିସ ନିୟୋଗ କରାଯିବ ଏବଂ ଅନ୍ୟ ଜିଲ୍ଲାମାନଙ୍କରୁ କେତେ ପୋଲିସ ଅଣାଯିବ, ସେ ବିଷୟରେ ଜିଲ୍ଲାପାଳ ଆପଣଙ୍କ ସହିତ ଯୋଗସୂତ୍ର ରଖି ବ୍ୟବସ୍ଥା କରିବେ ।

(ଅନୁବାଦିତ)

**(ଏହି ଠାରେ ଏହି ପୁସ୍ତକଟି ସରିଲା)**

*ଐତିହ୍ୟ ପୃଷ୍ଠାରୁ ...*

## ଅନ୍ତଃ-ପଖଳା ବାବାଙ୍କ ଆସ୍ଥାନ ହୋଇଥିଲା ନାଗା ସାଧୁଙ୍କ ଛାଉଣୀ

ନୀଳାଚଳ କ୍ଷେତ୍ରରେ ଥିବା ୩୭୪ ମଠ/ଆଶ୍ରମ ମଧ୍ୟରୁ ଅନ୍ୟତମ ପ୍ରାଚୀନ ମଠ ହେଉଛି ଦୁଃଖିଶ୍ୟାମ ଛତା ମଠ । ଦୁଃଖିଶ୍ୟାମ ଦାସ ପ୍ରଥମେ ପୁରୀ ଆସି ଶ୍ରୀମନ୍ଦିରର ପଶ୍ଚିମ ପାର୍ଶ୍ୱରେ ଯେଉଁଠି ଛତା ପୋତି ଶ୍ରୀନୀଳଚକ୍ରଙ୍କୁ ଚାହିଁ ଧ୍ୟାନସ୍ଥ ହେଉଥିଲେ, ତାହା ହିଁ ଦୁଃଖିଶ୍ୟାମ ଛତା ମଠ ଭାବରେ ବିଖ୍ୟାତ ହୋଇଥିଲା । ମଠର ଦକ୍ଷିଣ ପାର୍ଶ୍ୱରେ ଶ୍ରୀଲୋକନାଥ ମନ୍ଦିରକୁ ରାସ୍ତା । ଉତ୍ତରରେ ଗଜପତିଙ୍କ ହାତୀ ଗୋହିରୀ ସଂଯୋଗ କରୁଥିଲା ହାତୀଶାଳକୁ ।



ଗଙ୍ଗ ବଂଶର ପ୍ରତିଷ୍ଠାତା ଚୋଡ଼ଗଙ୍ଗ ଦେବ ୧୦୨୮ ମସିହାରେ ବର୍ତ୍ତମାନ ଆମେ ଦେଖୁଥିବା ଶ୍ରୀମନ୍ଦିର ନିର୍ମାଣ ପାଇଁ ଶୁଭ ଦେଇଥିଲେ । ଐତିହ୍ୟ ଅଛି ଅବସ୍ଥା ଚକ୍ରରେ ଗଜପତିଙ୍କ ଶରୀରରେ ବଡ଼ରୋଗ ଦେଖା ଦେଇଥିଲା । ସେ ଦୁଃଖିଶ୍ୟାମ ବାବାଙ୍କ ଆଶ୍ରୟ ନେଇଥିଲେ । ବାବା ସୁସ୍ଥ କରିଦେବା ପରେ ୩୫ ଏକର ସ୍ଥାନ ଛତାପୋତା ହୋଇଥିବା ଘରିପଟ ଗଜପତି ଦାନ କରିଥିଲେ ବାବାଙ୍କୁ । ଏବେ ମାତ୍ର ୦୯ ଏକର ଅଛି । ବ୍ରହ୍ମଗିରିର ରେଣ୍ଟା ବରପଦା ଓ ସୁନାମୁହିଁ ବରପଦାରେ ମହାରାଜା ଖଂଜି ଦେଇଥିଲେ ଜମି । ବାବା କେଉଁଠୁ ପୁରୀ ଆସିଥିଲେ ଠିକ୍ ମସିହା ଧାର୍ଯ୍ୟ ହୋଇପାରି ନାହିଁ । ବାବା କିନ୍ତୁ ଆଉ କ୍ଷେତ୍ର ଛାଡ଼ି ଗଲେ ନାହିଁ । ପଞ୍ଚତିରିଶି ହାତର ମାଙ୍କଡ଼ା ପଥରରେ ମନ୍ଦିର ନିର୍ମାଣ କରି ଶ୍ରୀମନ୍ଦିର ନୀଳାଚକ୍ରର ସରଳ ରେଖାରେ ନିର୍ମିତ ମନ୍ଦିରରେ ଚକ୍ର ବସାଣ କରିଥିଲେ ।

ଦୁଃଖିଶ୍ୟାମ ବାବା ଥିଲେ ପରମଯୋଗୀ । ହଂସ- ସଂପ୍ରଦାୟର ଉପାସନା ଧାରା ଥିଲା ତାଙ୍କର । ସେ ଅନ୍ତଃନାଡ଼ି ଶରୀର ଭିତରୁ କାଢ଼ି ଶୋଧନ କରୁଥିଲେ । ସେଥିପାଇଁ ସେ ଶ୍ରୀକ୍ଷେତ୍ରରେ 'ଅନ୍ତଃ ପଖାଳ' ବାବା ନାମରେ ପ୍ରସିଦ୍ଧ ଥିଲେ ।

ପନ୍ଦର ଶହ ମସିହା ବେଳକୁ ସେ ଆଉ ନଥିଲେ, ମାତ୍ର ଶ୍ରୀମନ୍ଦିର ଉପରେ ବିଧର୍ମୀମାନେ ଘନ ଘନ ଆକ୍ରମଣ କରିବା ଆରମ୍ଭ କରି ଦେଇଥିଲେ । ପୁରୀର ପଶ୍ଚିମ ପଟୁ ମଙ୍ଗଳା ଘାଟ ଦେଇ ଶତ୍ରୁଙ୍କୁ ପ୍ରବେଶ ନ କରାଇ ଦେବା ପାଇଁ ରାମାନନ୍ଦୀ ନାଗା ସାଧୁମାନେ ଏହି ମଠକୁ ଶିବିରରେ ପରିଣତ କରିଥିଲେ ।

ଶ୍ରୀମନ୍ଦିରରେ ୨ଟି ଚୂଳା ଥିଲା ମଠର । ତାହା ହସ୍ତାନ୍ତର ହୋଇଯାଇଛି । ତଥାପି ମଠ ପକ୍ଷରୁ ୨୧ ଦିନ ଧରି ଚନ୍ଦନ ପନ୍ତି, ହରିହର ଭେଟ (ଜାଗର) ଦିନ ପନ୍ତି, ମଠ ପକ୍ଷରୁ ହେଉଅଛି ।

*ଡକ୍ଟର ସୁରେନ୍ଦ୍ର କୁମାର ମିଶ୍ର- ଐତିହ୍ୟ ବିଶାରଦ (ଦୋଳମଣ୍ଡପ ସାହି), ପୁରୀ-୧*

# ଫଟୋରେ ଖବର ...



ତା ୨୯.୧୧.୨୨ରେ ନୀଳାଦ୍ରି ଭକ୍ତନିବାସ ଠାରେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଆୟୋଜିତ ନିଃଶୁଳ୍କ 'ଚକ୍ଷୁ ପରୀକ୍ଷା' ଶିବିର



ତା ୧.୧୨.୨୨ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ବୀର ବିକ୍ରମ ଯାଦବଙ୍କ ଅଧ୍ୟକ୍ଷତାରେ ଆହୂତ 'ଅର୍ଥ ସବ୍-କମିଟି' ବୈଠକ



ତା ୩.୧୨.୨୨ରେ କେନ୍ଦ୍ର ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଶ୍ରୀମତୀ ଭାରତୀ ପ୍ରବୀଣ ପାୱାର ଶ୍ରୀମନ୍ଦିରରୁ ଶ୍ରୀଚତୁର୍ଦ୍ଧା ବିଗ୍ରହଙ୍କ ଦର୍ଶନ ସାରି ଫେରୁଅଛନ୍ତି



ତା ୭.୧୨.୨୨ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ ଶ୍ରୀବିଗ୍ରହମାନଙ୍କ ପହିଲି ଭୋଗ, ଦେବାଭିଷେକ ପୂର୍ଣ୍ଣିମା ଇତ୍ୟାଦି ପରିପ୍ରେକ୍ଷୀରେ ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ବୀର ବିକ୍ରମ ଯାଦବଙ୍କ ଅଧ୍ୟକ୍ଷତାରେ ଆହୂତ 'ଛତିଶା ନିଯୋଗ' ବୈଠକ



ତା ୭.୧୨.୨୨ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ବୀର ବିକ୍ରମ ଯାଦବଙ୍କ ଅଧ୍ୟକ୍ଷତାରେ ଆହୂତ 'ନୀତି ସବ୍-କମିଟି' ବୈଠକ



ତା ୯.୧୨.୨୨ରେ ଭୁବନେଶ୍ୱର ଠାରେ ଓଡ଼ିଶା ରାଜ୍ୟ ପୁସ୍ତକ ମେଳା ତରଫରୁ ଆୟୋଜିତ ଏବଂ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ସ୍ଥାପିତ ଷ୍ଟଲ୍‌କୁ ପ୍ରଶାସକ (ନୀତି) ଶ୍ରୀଯୁକ୍ତ ଜିତେନ୍ଦ୍ର କୁମାର ସାହୁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରୁଅଛନ୍ତି

# ଫଟୋରେ ଖବର ...



ଶ୍ରୀଚତୁର୍ଦ୍ଧା ବିଗ୍ରହଙ୍କ ଦୈନନ୍ଦିନ ବଡ଼ସିଂହାର ବେଶ



ତା ୧୫.୧୨.୨୨ରେ ନୀଳାଦ୍ରି ଭକ୍ତନିବାସ ଠାରେ ଗଜପତି ମହାରାଜା ଶ୍ରୀଶ୍ରୀ ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଆହୂତ 'ଶ୍ରୀମନ୍ଦିର ପରିଚାଳନା କମିଟି' ବୈଠକ




ତା ୧୭.୧୨.୨୨ରେ ଭୁବନେଶ୍ୱର ପୁସ୍ତକ ମେଳା ଠାରେ ପ୍ରଶାସକ (ନୀତି) ଶ୍ରୀଯୁକ୍ତ ଜିତେନ୍ଦ୍ର କୁମାର ସାହୁ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ପ୍ରକାଶିତ 'ଇଂରାଜୀ ନବବର୍ଷ କ୍ୟାଲେଣ୍ଡର' ମହାପ୍ରଭୁଙ୍କୁ ସମର୍ପଣ କରି ଉନ୍ମୋଚନ କରୁଅଛନ୍ତି



ତା ୧୯.୧୨.୨୨ରେ ନୀଳାଦ୍ରି ଭକ୍ତନିବାସ ଠାରେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଅନୁଷ୍ଠିତ ନିଃଶୁଳ୍କ 'ଦନ୍ତ ଓ ମୁଖ ଗହ୍ୱର ଚିକିତ୍ସା' ଶିବିର



ତା ୨୦.୧୨.୨୨ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ ଏନ୍.ଏମ୍.ଏ. (ଜାତୀୟ ଐତିହ୍ୟ କ୍ରୀଡ଼ାରାଜି କର୍ତ୍ତୃପକ୍ଷ)ର ଅଧ୍ୟକ୍ଷ ପ୍ରଫେସର କିଶୋର କୁମାର ବାସାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ବୀର ବିକ୍ରମ ଯାଦବଙ୍କ ଉପସ୍ଥିତିରେ 'ସମୀକ୍ଷା ବୈଠକ' କରୁଅଛନ୍ତି

# ମହାପୁରୁଷଙ୍କ ମହାପ୍ରସାଦ ସେବା



ଠାକୁରଙ୍କୁ ସମର୍ପଣ କରାଯାଇଥିବା ଖାଦ୍ୟଦ୍ରବ୍ୟକୁ ସାଧାରଣତଃ ପ୍ରସାଦ କୁହାଯାଏ । ମାତ୍ର ଶ୍ରୀକ୍ଷେତ୍ରରେ ରତ୍ନସିଂହାସନରେ ଭାଇଭଉଣୀଙ୍କ ଗହଣରେ ପୂଜା ପାଉଥିବା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ଯେଉଁ ଖାଦ୍ୟପଦାର୍ଥ ଭୋଗ ଲଗାଯାଏ, ତାକୁ ଭକ୍ତମାନେ କହନ୍ତି ଶ୍ରୀମହାପ୍ରସାଦ । ଶ୍ରୀମହାପ୍ରସାଦ କଣିକାଏ ପାଇଁ ଶ୍ରଦ୍ଧାଳୁମାନେ ପାଗଳ ହୋଇଯାଆନ୍ତି । ଏହି ମହାପ୍ରସାଦରେ ଛୁଆଁ ଅଛୁଆଁ ବାରଣ ନଥାଏ । ମୃତ୍ୟୁମୁଖରେ ପଡ଼ିଥିବା ଭକ୍ତ ମୁଖରେ କଣିକାଏ ଶ୍ରୀମହାପ୍ରସାଦ ଦେଲେ ସେ ମୁକ୍ତି ପଥର ଯାତ୍ରୀ ହୋଇଯାଏ ବୋଲି ହିନ୍ଦୁମାନେ ବିଶ୍ୱାସ କରନ୍ତି । ଶ୍ରୀମହାପ୍ରସାଦ ପ୍ରସ୍ତୁତ ପ୍ରଣାଳି ସାଧାରଣ ରନ୍ଧନ ପ୍ରଣାଳୀ ଠାରୁ ଭିନ୍ନ । ମହାପ୍ରଭୁଙ୍କ ରୋଷଶାଳାରେ ଭିନ୍ନ ଧରଣର ଚୂଲିରେ ଅନ୍ନ, ତରକାରୀ, ଡାଲି, ପିଠା, ମିଠା ଆଦି ପ୍ରତିଦିନ ପ୍ରସ୍ତୁତ କରାଯାଏ । ଲୋକମୁଖରେ ପ୍ରଚଳିତ ଅଛି ମହାପ୍ରଭୁ ପ୍ରତିଦିନ ଷାଠିଏ ପଉଟି ଅନ୍ନ, ଛପନ ପ୍ରକାର ବ୍ୟଞ୍ଜନ ଏବଂ ପିଠା ମିଠା ଶୁଖିଲି ଭୋଗ ମଣୋହି କରନ୍ତି । ମା' ଲକ୍ଷ୍ମୀ ଠାକୁରାଣୀ ହାତରେ ସ୍ୱର୍ଣ୍ଣଚଟୁ ଧରି ସୁଆରମାନଙ୍କ ମାଧ୍ୟମରେ ରୋଷେଇ କରନ୍ତି । ମା' ମହାଲକ୍ଷ୍ମୀଙ୍କ ରାନ୍ଧଣାକୁ ବଡ଼ଠାକୁର ଶ୍ରୀବଳଭଦ୍ର ଏବଂ ସାନଭଉଣୀ ମା' ସୁଭଦ୍ରା ଅତି ଆନନ୍ଦରେ ମଣୋହି କରନ୍ତି । ବଡ଼ଠାକୁର କହନ୍ତି, 'ମହାଲକ୍ଷ୍ମୀଙ୍କ ପରି ସ୍ୱାଦିଷ୍ଟ ଖାଦ୍ୟ ଦ୍ରବ୍ୟ ରାନ୍ଧିବା ଭଳି ଆଉ କେହି ଅଛନ୍ତି ବୋଲି ମୋର ବିଶ୍ୱାସ ନାଇଁ । ଦିନେ ଶ୍ରୀଜଗନ୍ନାଥ ମହାପ୍ରଭୁ ଏବଂ ମା' ଲକ୍ଷ୍ମୀ ସାଆନ୍ତାଣୀ ବସି ଖୁସି ଗପ କରୁଥିଲେ । ବଡ଼ଭାଇଙ୍କର ପ୍ରଶଂସା କଥା ଉଲ୍ଲେଖ କରି ମହାପ୍ରଭୁ କହିଲେ, ଲକ୍ଷ୍ମୀ ! ଆଗକୁ ପହିଲି ଭୋଗ ହେବ । ତା ପୂର୍ବରୁ ତୁମ ହାତ ରାନ୍ଧଣା ଜଣେ ମହାପୁରୁଷଙ୍କୁ ଚଖେଇ ଦେଲେ କେମିତି ହୁଅନ୍ତା । ମହାଲକ୍ଷ୍ମୀ ପଚାରିଲେ ସେ ମହାପୁରୁଷ ଜଣକ କିଏ ? ଆମ ନିମନ୍ତ୍ରଣ ରକ୍ଷାକରି ଏଠାକୁ ଆସିବେ ତ ? ମହାପ୍ରଭୁ କହିଲେ ତାଙ୍କୁ ଆଣିବା ଏବଂ ଭୋଜନ କରାଇବା ଦାୟିତ୍ୱ ମୋର । ତୁମେ ଆଗେ ରାନ୍ଧଣା ପ୍ରସ୍ତୁତ କର । ମହାପୁରୁଷ ଆସିବେ । ମହାପ୍ରଭୁଙ୍କ ଶ୍ରୀମହାପ୍ରସାଦ ଭୋଜନ କରିବେ । ମହାଲକ୍ଷ୍ମୀ ଚିନ୍ତା କଲେ ଗୌରୀପାକ କରିବି ନା ସୌରିପାକ କରିବି ? କେତେ ପ୍ରକାର ଅନ୍ନ, କେତେ ପ୍ରକାର ବ୍ୟଞ୍ଜନ ପିଠାମିଠା ପ୍ରସ୍ତୁ କରିବି ? ମହାପ୍ରଭୁଙ୍କୁ ପ୍ରତିଶ୍ରୁତି ଦେଲେ ବ୍ୟଞ୍ଜନ ଦ୍ୱାଦଶୀ ଦିନ ମହାପୁରୁଷଙ୍କୁ ନିମନ୍ତ କରନ୍ତୁ । ମୁଁ ସବୁ ଦ୍ରବ୍ୟ ଯୋଗାଡ଼ କରୁଛି । ମା' ମହାଲକ୍ଷ୍ମୀ ଚାହିଁବା ମାତ୍ରେ ସବୁ ଯୋଗାଡ଼ ହୋଇଗଲା । ମହାପ୍ରଭୁ ସାଙ୍ଗରେ ଧରି ଆସି ପହଞ୍ଚିଲେ ବାଲବ୍ରହ୍ମଚାରୀ ବ୍ରହ୍ମଜ୍ଞାନୀ ଶ୍ରୀଶୁକଦେବଙ୍କୁ । ଯଥାବିଧି ଅର୍ଚ୍ଚନା ସାରି ଆସନରେ ବସାଇଲେ ଅତିଥିଙ୍କୁ । ମା' ସ୍ୱହସ୍ତରେ ଶ୍ରୀମହାପ୍ରସାଦ ଗୋଟି ଗୋଟି କରି ପରଷି ଦେଲେ । ଗଙ୍ଗା ଜଳରେ ଚଳୁ କରିସାରି

'ନୀଳାଚଳ ନିବାସାୟ ନିତ୍ୟାୟ ପରମାତ୍ମନେ ।

ବଳଭଦ୍ର ସୁଭଦ୍ରାଭ୍ୟାଂ ଶ୍ରୀଜଗନ୍ନାଥାୟ ତେ ନମଃ ।

ଉଚ୍ଚାରଣ ପୂର୍ବକ ବ୍ରହ୍ମଜ୍ଞାନୀ ଶୁକଦେବ ବ୍ରହ୍ମମୟ ଅନ୍ନ ବ୍ୟଞ୍ଜନରେ ତଫାତ୍ ଦେଖିପାରିଲେ ନାହିଁ । ସମସ୍ତ ପାକ ମହୁର, ବେସର, ଖଟା, ମିଠା, ଖିରି ଖେଚେଡ଼ି ସବୁକୁ ଏକତ୍ର କରି ଓଁ ସ୍ୱାହା କହି ଗର୍ଭକୁ ନିକ୍ଷେପ କଲେ । ପରିଶେଷରେ ପାନୀୟ ଗ୍ରହଣ କରିସାରି, ଭୋଜନ ଶେଷ ହେଲା ବୋଲି ସଂକେତ ଦେଇ ହେଉଡ଼ି ମାରିଲେ । ମହାପ୍ରଭୁ ପଚାରିଲେ ବ୍ରହ୍ମଜ୍ଞାନୀ ମହର୍ଷି ମା ମହାଲକ୍ଷ୍ମୀଙ୍କ ହସ୍ତ ରନ୍ଧଣାର କେଉଁ ଖାଦ୍ୟ ଦ୍ରବ୍ୟଟି ଆପଣଙ୍କୁ ସୁଖପ୍ରଦ ହେଲା ? ମୁଖ ହସ୍ତ ପ୍ରଖ୍ୟାଳନ ପରେ ମୁଖବାସ ଆମଳକି ମା'ଙ୍କ ହସ୍ତରୁ ନେଇ ସ୍ୱସ୍ତି ବାଚନ ସହ ମହାପ୍ରଭୁଙ୍କ ମହିମା ଗାନ କରି ଶୂନ୍ୟ ପଥରେ ଗମନ କଲେ । ଆବାକାବା ହୋଇ ମହାଲକ୍ଷ୍ମୀ ବ୍ରହ୍ମଜ୍ଞାନୀଙ୍କ ଯିବା ବାଟକୁ ଚାହିଁ ଚାହିଁ କହିଲେ ମହାପ୍ରଭୁ ସାଂସାରିକ ବସ୍ତୁ ଏବଂ ସଂସାର ପ୍ରତି ବିତସ୍ପୃହ ଜଣେ ବ୍ରହ୍ମଜ୍ଞାନୀଙ୍କୁ ଅତିଥି ଭାବେ ନିମନ୍ତ୍ରଣ କରି ମୋ ଗର୍ମ ଆଜି ଅପାଣ ଗଞ୍ଜନ କରିଦେଲେ ।

*ଶଂକର୍ଷଣ ମଂଗରାଜ, (ପୂର୍ବତନ କାର୍ଯ୍ୟକର୍ତ୍ତା, ପ୍ରସାର ଭାରତୀ)*

● *ମଂଗଳାଘାଟ ରୋଡ୍, ପୁରୀ-୧*

## ଜାନୁୟାରୀ ମାସର ବିଶିଷ୍ଟ ଦିବସ

| | |
|---|---|
| ତା ୧.୧.୨୩ ରିଖ ରବିବାର | ଶ୍ରୀମନ୍ଦିରରେ ଶାମ୍ବ ଦଶମୀ |
| ତା ୨.୧.୨୩ ରିଖ ସୋମବାର | ଶ୍ରୀମନ୍ଦିରରେ ପୁତ୍ରଦା ଏକାଦଶୀ |
| ତା ୬.୧.୨୩ ରିଖ ଶୁକ୍ରବାର | ଶ୍ରୀମନ୍ଦିରରେ ଦେବାଭିଷେକ ଓ ପୁଷ୍ୟାଭିଷେକ ପୂର୍ଣ୍ଣିମା |
| ତା ୧୨.୧.୨୩ ରିଖ ଗୁରୁବାର | ଶ୍ରୀମନ୍ଦିରରେ ଦୁଧ ମେଲାଣି |
| ତା ୧୩.୧.୨୩ ରିଖ ଶୁକ୍ରବାର | ଶ୍ରୀମନ୍ଦିରରେ ନବାଙ୍କ ବେଶ |
| ତା ୧୪.୧.୨୩ ରିଖ ଶନିବାର | ଶ୍ରୀମନ୍ଦିରରେ ମକର ସଂକ୍ରାନ୍ତି |
| ତା ୧୮.୧.୨୩ ରିଖ ବୁଧବାର | ଶ୍ରୀମନ୍ଦିରରେ ଷଟ୍‌ତିଳା ଏକାଦଶୀ |
| ତା ୨୫.୧.୨୩ ରିଖ ବୁଧବାର | ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ପଦ୍ମବେଶ |
| ତା ୨୬.୧.୨୩ ରିଖ ଗୁରୁବାର | ଶ୍ରୀମନ୍ଦିରରେ ବସନ୍ତ ପଞ୍ଚମୀ ଓ ରଥକାଠ ଅନୁକୂଳ ପୂଜା |

ବି.ଦ୍ର.: ପ୍ରକାଶିତ ପ୍ରବନ୍ଧଗୁଡ଼ିକରେ ଉପସ୍ଥାପିତ ମତାମତ ସମୂହ ସଂପୃକ୍ତ ଲେଖକମାନଙ୍କର ନିଜସ୍ୱ ଓ ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ଦାୟୀ ନୁହଁନ୍ତି ।

**Printed & Published by Shree Jagannath Temple Administration, Puri, Ph. : 06752-222002, Fax - 252100**

E-mail : jagannath.or@nic.in * Web Site : www.shreejagannatha.in Printed at : Rama Press, Near Amala Club, Puri

@Shree Jagannatha Temple, Puri @jagannathadhaam @JagannathaDhaam @SJTA_Puri ମୂଲ୍ୟ : ଦୁଇଟଙ୍କା ମାତ୍ର